# ଭାରତୀୟ ଜନତା ପାର୍ଟି, ଓଡିଶା

## ସମବାୟ ବିଭାଗର ୧୩ ଦଫା ଦାବୀ ନେଇ ରାଜରାସ୍ତାକୁ ଓହ୍ଲାଇଲା ବିଜେପି ସମବାୟ ପ୍ରକୋଷ୍ଠ

- **ପ୍ୟାକ୍ସ ଏବଂ ଲ୍ୟାଂପ୍ସ ମହାଦୁର୍ନୀତିର ତଦନ୍ତ ଦାବୀ**
- **ସମବାୟ ସମିତି ରାଜ୍ୟରେ ଶାସକ ବିଜେଡିର ରଣ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି**
- **ସମିତିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ କ୍ୟାଡର ଭୁକ୍ତ କରାଯିବାକୁ ଦାବୀ**

**ଭୁବନେଶ୍ୱର, ତା.୦୯/୦୮ :** ରାଜ୍ୟରେ ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହତାକାର ବହୁମୁଖୀ ସମବାୟ ସମିତି (ଲ୍ୟାଂପ୍ସ) ରେ ହୋଇଥିବା ମହାଦୁର୍ନୀତିର ତଦନ୍ତ ଦାବୀ ସହ ରାଜ୍ୟର କୃଷକମାନଙ୍କ ଋଣଭାର କମାଇବା ପାଇଁ ସମସ୍ତ ବକେୟା କୃଷିଋଣକୁ ଛାଡ କରିବା, ବିନା ସୁଧରେ କୃଷକଙ୍କୁ ଋଣ ଯୋଗାଇବା, ଭାଗ ଚାଷୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ସେମାନଙ୍କୁ ଆଇନତଃ ଅଧିକାର ଦେବା ଓ ସେମାନଙ୍କୁ କୃଷି ଋଣ ଏବଂ କୃଷି ବୀମା ଯୋଗାଇବା, ସମବାୟ ସମିତି ଓ ବ୍ୟାଂକମାନଙ୍କରେ ବ୍ୟାପକ ଅନୀୟମିତତା ଏବଂ କୋଟି କୋଟି ଟଙ୍କାର ଋଣ ଜାଲିଆତିର ତଦନ୍ତ ଓ ବିହୀତ କାର୍ଯ୍ୟାନୟଷ୍ଠାନ ଗ୍ରହଣ କରାଯିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀ, ଭାଗ ଚାଷୀ, ଗୋଷ୍ଠୀ ଚାଷୀ, ଋଣୀ ଓ ଅଣଋଣୀ ଚାଷୀମାନଙ୍କୁ ସାମିଲ କରିବା, ଚାଷ କାମର ଯଥେଷ୍ଟ ପୂର୍ବରୁ ସମବାୟ ସମିତି ମାଧ୍ୟମରେ ସୁଲଭ ମୂଲ୍ୟରେ ଚାଷୀଙ୍କ ପାଇଁ ଆବସ୍ୟକୀୟ ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଆଦି ଯୋଗାଇଦେବା, ଧାନ ମଣ୍ଡିରେ ଏଫଏକ୍ୟୁ ଆଳରେ ଓଜନ କାଟ୍ ନକରିବା, ଅଖାର ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରିବା, ପ୍ରତ୍ୟେକ ଚାଷୀର ଉତ୍ପାଦିତ ଦ୍ରବ୍ୟକୁ ଜାତୀୟ ସ୍ତରରେ ଇ-ନାମ ଜରିଆରେ ବିକ୍ରି କରାଇବାର ବ୍ୟବସ୍ଥା, ସମବାୟ ସମିତିରେ ଗଚ୍ଛିତ ଥିବା ଚାଷୀର ଅଂଶଧନ ଉପରେ ସୁଧ ପ୍ରଦାନ କରିବା, ସମବାୟ ସମିତି / ବହୁମୁଖୀ ସମବାୟ ସମିତି ଗୁଡିକରେ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀମାନଙ୍କୁ କୃଷି ଓ କୃଷକଙ୍କ ପାଇଁ ପ୍ରତିବଦ୍ଧତା ଓ ସେମାନଙ୍କ ଆତ୍ମ ବିଶ୍ୱାସ ବଢାଇବା ପାଇଁ ତାଙ୍କୁ କ୍ୟାଡରଭୁକ୍ତ କରାଇବା ଭଳି ୧୩ ଦଫା ଦାବୀ ନେଇ ଆଜି ରାଜରାସ୍ତାକୁ ଓହ୍ଲାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛି ବିଜେପି ସମବାୟ ପ୍ରକୋଷ୍ଠ ।

ରାଜ୍ୟର ଗ୍ରାମାଂଚଳରେ ଗରିବ ଚାଷୀକୁ ସହାୟତା ପ୍ରଦାନ ତଥା ଚାଷୀକୂଳର ଅର୍ଥନୈତିକ ପ୍ରଗତି ପାଇଁ ସମବାୟ ସମିତିଗୁଡିକ ଗଠନ କରାଯାଇଥିଲା । ମାତ୍ର ୧୯ ବର୍ଷ ବିଜେଡି ସରକାର ସମୟରେ ଏହି ସମିତିଗୁଡିକ ସରକାରଙ୍କ ନିୟନ୍ତ୍ରଣରୁ ବାହାରି ଯାଇ ଶାସକ ବିଜୁ ଜନତା ଦଳର ରଣ କେନ୍ଦ୍ର ଭାବରେ କାର୍ଯ୍ୟ କରି କେବଳ ଦଳୀୟ କାର୍ଯ୍ୟକର୍ତାଙ୍କୁ ସନ୍ତୁଷ୍ଟି କରାଯାଉଛି । ଏହି ସମବାୟ ସମିତି ମାଧ୍ୟମରେ ଶାସକ ବିଜେଡିର ନେତାମାନେ ମହାଦୁର୍ନୀତି କରିବା ସହ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଲୁଟିଛନ୍ତି । ଅନ୍ୟ ପଟେ ରାଜ୍ୟରେ ସମବାୟ ବିଭାଗର ବିଫଳତାକୁ ଲୁଚାଇବା ପାଇଁ ଶାସକ ବିଜେଡି 'ସମବାୟ-ଆପଣଙ୍କ ଦ୍ୱାରରେ' ଅଭିଯାନ ମାଧ୍ୟମରେ ଦଳୀୟ କର୍ମୀ ସମ୍ମିଳନୀ କରୁଛି । ଚାଷୀମାନଙ୍କୁ ସହାୟତା ପରିବର୍ତେ ଦଳୀୟ କର୍ମୀମାନଙ୍କୁ ସମବାୟ ସମିତିରୁ ଋଣ ପ୍ରଦାନ କରାଯାଉଛି । ସମସ୍ତ ସମବାୟ ସମିତି ଦୁର୍ନୀତିର ଗନ୍ତା ଘର ପାଲଟିଥିବାବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜି ଦୁର୍ନୀତିଖୋରଙ୍କୁ ଘଂଟ ଘୋଡାଉଛନ୍ତି । ଯେଉଁଥିରେ ଶାସକ ବିଜେଡିର ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ଦଳୀୟ ପଦାଧିକାରୀମାନେ ଲିପ୍ତ ଅଛନ୍ତି ।

ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, ବାଲେଶ୍ୱର, ବଲାଙ୍ଗୀର, ଆସ୍କା, ସମ୍ବଲପୁର, ବୌଦ୍ଧ ଜିଲ୍ଲାରେ ସମବାୟ ସମିତି ସମୁହ ଉପନିବନ୍ଧକ ଏବଂ ସହକାରୀ ନିବନ୍ଧକଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ଏହି ୧୩ ଦଫା ଦାବୀ ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର ତୁରନ୍ତ ଏହି ପରିପ୍ରେକ୍ଷୀରେ କୌଣସି ଦୃଢ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରୀ ତୀବ୍ର ରୂପ ଧାରଣ କରିବ ବୋଲି ପ୍ରକୋଷ୍ଠର ନେତାମାନେ ଚେତାଇ ଦେଇଛନ୍ତି ।

ଭୁବନେଶ୍ୱରଠାରେ ଖୋର୍ଦ୍ଧା ଜିଲ୍ଲା ସମବାୟ ପ୍ରକୋଷ୍ଠ ଆବାହକ ତାପସ ଜେନାଙ୍କ ନେତୃତ୍ୱରେ ଶ୍ରୀରଂଜନ ମଙ୍ଗରାଜ, ରଣଜିତ ମହାପାତ୍ର, ବସନ୍ତ ନାୟକ ଓ ବିଜୟଲକ୍ଷ୍ମୀ ମହାପାତ୍ର, କଟକଠାରେ ରାଜ୍ୟ ସହ ସଂଯୋଜକ ପବିତ୍ର ମୋହନ ଦାଶ, କଲ୍ୟାଣ କୁମାର ଚାଟାର୍ଜୀ, ଦେବଦତ ଚୌଧୁରୀ, ହୃଷିକେଶ ଜେନା, ରାମନାରାୟଣ ମହାନ୍ତି, ବିଜୟ ରାଉତରାୟ, କ୍ଷିରୋଦ ଦଳାଇ, କଟକ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ଚୌଧୁରୀ ପୁରୀଠାରେ ପୂର୍ଣ୍ଣଚନ୍ଦ୍ର ନନ୍ଦ ଓ ଅନୁପ ପରିଡା, ଗୌରିଶ୍ୟାମ ମିଶ୍ର, ବାଲେଶ୍ୱରରେ ପର୍ଶୁରାମ ପରିଡା, ବୌଦ୍ଧରେ ଗୌରିଶ୍ୟାମ ପଟ୍ଟନାୟକ, ସୁବାଷ ପ୍ରଧାନ, ବଲାଙ୍ଗୀରରେ ଆଦିତ୍ୟ ମିଶ୍ର, ଅଶୋକ ଝଂକର ଓ ଜଗନ୍ନାଥ ନାଗ, ସମ୍ବଲପୁରରେ ସୁକାନ୍ତ ଦାଶ ଓ ନାଉରୀ ନାଏକ, ବାଙ୍କୀରେ ଅଜୟ ସ୍ୱାଇଁ, ନନ୍ଦକିଶୋର ଜେନା ଓ ପଦ୍ମଜା ଦେବତା, ଆସ୍କାରେ ଅନିଲ କୁମାର ମହାପାତ୍ର, ସୂର୍ଯ୍ୟ ନାରାୟଣ ଦାଶପ୍ରମୁଖ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ ।

**(ବିଜେପି ମିଡିଆ ସେଲ୍)**